NATIONAL NEWS BULLETIN (ODIA)

5 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ଦେଶର ୨୬ଟି ସହରରେ ଏପର୍ଯ୍ୟନ୍ତ ୧୨ଶହ କିଲୋମିଟର ମେଟ୍ରୋ ଯୋଗାଯୋଗ ବ୍ୟବସ୍ଥା ରହିଛି - କହିଲେ ପ୍ରଧାନମନ୍ତ୍ରୀ ।
- ଗିରଫ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରିବା ପାଇଁ ରହିଥିବା ୨୪ଘଣ୍ଟିଆ ସାନ୍ନିଧାନିକ ସମୟସୀମା ବ୍ୟବସ୍ଥାକୁ ସ୍ପଷ୍ଟ କଲେ ସୁପ୍ରିମକୋର୍ଟ ।
- ଭୀବି-ଜୀ ରାମ୍ ଜୀ ଆଇନ୍ ୨୦୨୫ ଅଧୀନରେ ଚାରା ସୁରକ୍ଷା ଏବଂ ପଶୁପାଳନ ସହାୟକ ଭିତ୍ତିଭୂମି ଆଧାରିତ ପରାମର୍ଶବଳୀ ଜାରି ।
- ଓଡ଼ିଶା ସମେତ ଅନ୍ୟକେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ଏସ୍.ଏସ୍.ଆର୍ କାର୍ଯ୍ୟତାରୀତା ପାଇଁ ନିର୍ବାଚନ କମିଶନଙ୍କ ଘୋଷଣା ।

ଏବଂ

- ରାଷ୍ଟ୍ରମଣ୍ଡଳ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନେଇ ଯୋଗାଣ ଶୃଙ୍ଖଳ ଉପରେ ଗୁରୁତ୍ୱ ପ୍ରଦାନ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ପିଏମ୍-ମେଟ୍ରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶର ୨୬ଟି ସହରରେ ଏବେ ପ୍ରାୟ ୧୨ଶହ କିଲୋମିଟର ମେଟ୍ରୋ ଯୋଗାଯୋଗ ବ୍ୟବସ୍ଥା ରହିଛି । ୨୦୧୪ ମସିହାରେ ମାତ୍ର ୫ଟି ସହରରେ ୨୪୮ କିଲୋମିଟର ମେଟ୍ରୋ ଲାଇନ୍ ମଧ୍ୟରେ ଏହା ସୀମିତ ରହିଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଜି ଏହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତ୍ୟେକ ଦିନ ମେଟ୍ରୋ ମାଧ୍ୟମରେ ୧ କୋଟିରୁ ଅଧିକ ଲୋକ ଯାତାୟତ କରୁଛନ୍ତି । ଏହାଦ୍ୱାରା ଟ୍ରାଫିକ ବ୍ୟବସ୍ଥାରେ ସମୟ ନଷ୍ଟ ନହୋଇ ପରିବାର, ଉତ୍ପାଦକତା ଏବଂ ଉତ୍ତମ ସୁଯୋଗ ପାଇଁ ଲୋକଙ୍କ ପାଖରେ ସମୟ ମିଳିପାରୁଛି । କେନ୍ଦ୍ର ସରକାର ସହରାଞ୍ଚଳ ଭାରତ ପାଇଁ ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକର ଏହା ହେଉଛି ପ୍ରତିଫଳନ । ବ୍ୟବସ୍ଥିତ ତଥା ଭବିଷ୍ୟତ ଦୃଷ୍ଟିକୋଣ ଆଧାରିତ ପୂର୍ବରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲେ ଦେଶରେ ମେଟ୍ରୋ ବ୍ୟବସ୍ଥା ଆହୁରି ଅଧିକ ବ୍ୟାପକ ହୋଇପାରିଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏସ୍‌ସି-୨୪ ଆଓ୍ୱାର ଡେଡ୍‌ଲାଇନ୍

କୌଣସି ମାମଲାରେ ଗିରଫ ବ୍ୟକ୍ତିଙ୍କୁ ନ୍ୟାୟିକ ଅଧିକାରୀଙ୍କ ସମ୍ମୁଖରେ ହାଜର କରିବା ପାଇଁ ରହିଥିବା ୨୪ଘଣ୍ଟିଆ ସାମ୍ବିଧାନିକ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଆଜି ଏ ସଂକ୍ରାନ୍ତ ଏକ ରାୟ ପ୍ରଦାନ କରି କହିଛନ୍ତି, ପ୍ରକୃତ ଅଟକ ସମୟଠାରୁ ଏହି ୨୪ଘଣ୍ଟିଆ ସମୟସୀମା ଧାର୍ଯ୍ୟ କରାଯିବ । ଅନ୍ୟଥା ବ୍ୟକ୍ତିଗତ ସ୍ୱାଧୀନତା ବ୍ୟାହତ ହୋଇଥାଏ । ଏନ୍‌ଡିପିଏସ୍ ଆଇନ୍ ଅନୁଯାୟୀ ପଞ୍ଜିକୃତ ଏକ ମାମଲାରେ ତ୍ରିପୁରା ହାଇକୋର୍ଟଙ୍କ ଜାମିନ ନାମଞ୍ଜୁର ନିଷ୍ପତ୍ତି ବିରୁଦ୍ଧରେ ଆଗତ ଆବେଦନ ଉପରେ ଶୁଣାଣି କରି ବିଚାରପତି ଜଷ୍ଟିସ ଉଜ୍ଜ୍ୱଲ ଭୂୟାଁ ଏବଂ ଜଷ୍ଟିସ ଅତୁଲ ଏସ୍ ଚନ୍ଦୁରକରଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ସମ୍ବିଧାନର ଧାରା ୨୨, ଉପଧାରା-୨ ଅନୁଯାୟୀ ନିର୍ଦ୍ଧାରିତ ୨୪ଘଣ୍ଟାର ଅବଧି ସେହି ତାରିଖ ଏବଂ ସମୟରୁ ଗଣନା କରାଯିବା ଉଚିତ୍, ଯେତେବେଳେ ସଂପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି । ତଦନ୍ତ ସଂସ୍ଥା ଆନୁଷ୍ଠାନିକ ଭାବେ ଗିରଫଦାରୀ ରେକର୍ଡ କରିବା ସମୟରୁ ଏହା ଗଣନା କରାଯିବା ଉଚିତ୍ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏଥିସହ ସାମ୍ବିଧାନିକ ସମୟସୀମା ଗଣନା ପାଇଁ ଅଟକ ଏବଂ ଆନୁଷ୍ଠାନିକ ଗିରଫଦାରୀ ମଧ୍ୟରେ ରହିଥିବା ପାର୍ଥକ୍ୟକୁ କୋର୍ଟ ଅଗ୍ରାହିତ କରିଛନ୍ତି । ଖଣ୍ଡପୀଠ କହିଛନ୍ତି

ଅଟକର ୨୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଗିରଫ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରା ନ ଗଲେ ତାଙ୍କୁ ତୁରନ୍ତ ମୁକ୍ତ କରାଯିବା ଉଚିତ୍ ।

ସେଣ୍ଟର ଆଡଭାଇଜରୀ ଲାଇଭ୍‌ଷ୍ଟକ

ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ- ଭୀବୀ-ଜୀ ରାମ୍‌ଜୀ ଆଇନ୍ ୨୦୨୫ ଅଧୀନରେ ଚାରା ସୁରକ୍ଷା, ଚରାଭୂଇଁ ବିକାଶ ଏବଂ ପଶୁପାଳନ ସହାୟକ ଭିତ୍ତିଭୂମି ଗୁଡ଼ିକୁ ସୁଦୃଢ଼ କରିବା ନେଇ ଏକ ପରାମର୍ଶବଳୀ ଜାରି କରାଯାଇଛି । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହାକୁ କାର୍ଯ୍ୟକାରୀ କରିବା ନେଇ କେନ୍ଦ୍ର ସରକାର ଆହ୍ୱାନ ଦେଇଛନ୍ତି । ଗ୍ରାମୀଣ ବିକାଶ ବିଭାଗ ଏବଂ ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ମିଳିତଭାବେ ଏହି ପରାମର୍ଶବଳୀ ପ୍ରସ୍ତୁତ କରିଛନ୍ତି । ଏହାର କାର୍ଯ୍ୟାନ୍ୱୟନ ଦ୍ୱାରା ଚାରା ଅଭାବଜନିତ ପରିସ୍ଥିତି ପ୍ରତିହତ ହେବା ସହ ପଶୁପାଳନ ସମ୍ବନ୍ଧୀୟ ଭିତ୍ତିଭୂମିଗୁଡ଼ିକ ସୁଦୃଢ଼ ହୋଇପାରିବ । ଗ୍ରାମୀଣ ପରିବାର, କ୍ଷୁଦ୍ର ଚାଷୀ ତଥା ଭୂମିହୀନ ପରିବାରଙ୍କ ଜୀବିକାକୁ ସମର୍ଥନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ପରାମର୍ଶବଳୀ ପ୍ରସ୍ତୁତ କରାଯାଇଛି । ଗ୍ରାମୀଣ କ୍ଷେତ୍ରରେ ନିଯୁକ୍ତି ଏବଂ ପଶୁସମ୍ପଦର ଉପଯୋଗକୁ ଏହା ଅଧିକ ବ୍ୟାପକ କରିବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି । ଏଥିସହ ଏ କ୍ଷେତ୍ରରେ ଆଇନ୍ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଏବଂ ପ୍ରସ୍ତୁତ ଯୋଜନା ଗୁଡ଼ିକର ଅନୁପାଳନ ସୁନିଶ୍ଚିତ ହୋଇପାରିବ ।

ପରାମର୍ଶବଳୀ ଅଧୀନରେ ୩୭୫ଟି ଅନୁମତିପ୍ରାପ୍ତ କାର୍ଯ୍ୟ ତାଲିକା ମଧ୍ୟରୁ ୨୨ଟି ପ୍ରାସଙ୍ଗିକ ପରିସ୍ଥିତିକୁ ଚିହ୍ନଟ କରାଯାଇଛି । ଗ୍ରାମୀଣ ବିକାଶ, ପଶୁପାଳନ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ମଧ୍ୟରେ ସମନ୍ୱୟ ରକ୍ଷା ମାଧ୍ୟମରେ ପରାମର୍ଶବଳୀର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

ଇସିଆଇ-ଏସ୍ଏସ୍ଆର୍

ଓଡ଼ିଶା ସମେତ ଅନ୍ୟ କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ନିର୍ଦ୍ଧାରିତ ସଂଶୋଧନ ଏସ୍.ଏସ୍.ଆର୍ ଅଭିଯାନ କାର୍ଯ୍ୟକାରୀ ପାଇଁ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ଆସନ୍ତା ଜାନୁଆରୀ ପହିଲାକୁ ଏଥିପାଇଁ ଯୋଗ୍ୟତା ତାରିଖ ଭାବେ ନିର୍ଦ୍ଧାରଣ କରାଯାଇଛି । ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଉଛି ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ, ଦାଦ୍ରା ଓ ନଗର ହାବେଳୀ, ଦାମନ ଏବଂ ଡିଉ, ମିଜୋରାମ ଓ ସିକ୍କିମ୍ । ନିର୍ବାଚନ କମିଶନ ଦେଇଥିବା ସୂଚନା ଅନୁଯାୟୀ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥିତ ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ସମୟଧାର୍ଯ୍ୟ କରାଯାଇଛି । ସମନ୍ୱିତ ଚିଠା ଭୋଟର ତାଲିକା ଆସନ୍ତା ୩୦ ତାରିଖରେ ପ୍ରକାଶ ପାଇବ । ଏ ସଂକ୍ରାନ୍ତ ଦାବି ଏବଂ ଆପତ୍ତି ଆସନ୍ତା ୩୦ରୁ ଡିସେମ୍ବର ୩୦

ତାରିଖ ପର୍ଯ୍ୟନ୍ତ ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ଜାନୁଆରୀ ୧୮ ତାରିଖ ସୁଦ୍ଧା ଦାବି ଏବଂ ଆପତ୍ତିଗୁଡ଼ିକ ଉପରେ ନିଷ୍ପତ୍ତିଗ୍ରହଣ କରାଯିବ । ଜାନୁଆରୀ ୨୧ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଜୟଶଙ୍କର-ସପ୍ଲାଏ ଚେନ୍ସ

ବାଣିଜ୍ୟ ଏବଂ ବ୍ୟବସାୟ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ ଯୋଗାଣ ଶୃଙ୍ଖଳକୁ ଅଧିକ ବ୍ୟାପକ କରିବାକୁ ରାଷ୍ଟ୍ରମଣ୍ଡଳ ସଦସ୍ୟ ଦେଶଗୁଡ଼ିକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପରାମର୍ଶ ଦେଇଛନ୍ତି । ଏଥିପାଇଁ ତ୍ୱରିତ ତଥା ବିଶ୍ୱସ୍ତ ମାର୍ଗ ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ଆଣ୍ଟିଗୁଆ ଏବଂ ବାର୍ବୁଡାର ସେଣ୍ଟଜନ୍ସଠାରେ ଆୟୋଜିତ ରାଷ୍ଟ୍ରମଣ୍ଡଳ ସରକାର ମୁଖ୍ୟ ବୈଠକ ଅବସରରେ ଏକ ବ୍ୟବସାୟୀ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସ୍ଥାନୀୟ ଯୋଗାଣ ଶୃଙ୍ଖଳ ନେଟୱର୍କକୁ ଅଧିକ ସୁଦୃଢ଼ କରିବା, ଦକ୍ଷତା ବିକାଶ ଆଦି କ୍ଷେତ୍ର ଉପରେ ପ୍ରାଥମିକତା ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଆନ୍ତର୍ଜାତିକ ସୌରମେଣ୍ଟ ଏବଂ ସମନ୍ୱିତ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପ୍ରସ୍ତୁତି ତଥା ଜଳବାୟୁ ପରିବର୍ତ୍ତନ ମୁକାବିଲା ନେଇ ସହଯୋଗ ଭିତ୍ତିରେ

କାର୍ଯ୍ୟ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଆଫ୍ରିକା, ଏସିଆ, ଆମେରିକା, ୟୁରୋପ ଏବଂ ପ୍ରଶାନ୍ତ ମହାସାଗରସ୍ଥିତ ୫୬ଟି ସାର୍ବଭୌମ୍ୟ ସଦସ୍ୟ ରାଷ୍ଟ୍ରକୁ ନେଇ ଏହି ସ୍ୱେଚ୍ଛାସେବୀ ସଂଘ କମ୍ନ ଓ୍ୱେଲ୍ଥ ଅଫ୍ ନେସନ ଗଠନ କରାଯାଇଛି ।

ପିଏମ୍ ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜି ଏସିଆନ୍ ପାରା କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସଦସ୍ୟଙ୍କ ସହ ଭାବ ବିନିମୟ କରିବେ । ଏହି ଅବସରରେ ସମାବେଶକୁ ସେ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଜାପାନର ଆଇଚି ନାଗୋୟାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସର୍ବୋତ୍କୃଷ୍ଟ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଛି । ୯୭ଜଣ ପାରା କ୍ରୀଡ଼ାବିତ୍ ୧୧୪ଟି ପଦକ ହାସଲ କରିଛନ୍ତି । ସେଥିରେ ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଏବଂ ୪୯ଟି କାଂସ୍ୟ ପଦକ ରହିଛି । ଏହି କାର୍ଯ୍ୟକ୍ରମରେ ପଦକ ବିଜେତାଙ୍କ ସମେତ ପ୍ରଶିକ୍ଷକ, ଭାରତୀୟ ପାରା ଅଲମ୍ପିକ୍ସ କମିଟି ସଦସ୍ୟ, ଭାରତୀୟ ଅଲମ୍ପିକ ସଂଘର ଅଧିକାରୀ, ଜାତୀୟ କ୍ରୀଡ଼ା ସଂଘର ପ୍ରତିନିଧି ଓ ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧିକାରୀ ଅଂଶଗ୍ରହଣ କରିବେ ।

ଅମିତ୍ ଶାହା-ପଦଯାତ୍ରା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଆଜି ହରିୟାଣାର କର୍ଣ୍ଣାଲଠାରେ ବିଜେପିର 'ଗଣତନ୍ତ୍ର ବଞ୍ଚାଅ-ଅଜାରକତା ଶେଷକର' ପଦଯାତ୍ରା ଅନୁଷ୍ଠିତ ହୋଇଛି । ପଦଯାତ୍ରା ଆରମ୍ଭ ପୂର୍ବରୁ ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସଦ ହେଉଛି ଆଲୋଚନାର ସର୍ବୋତ୍କୃଷ୍ଟ ମଞ୍ଚ । ତେବେ ବିରୋଧୀ କଂଗ୍ରେସ ଦଳ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦରେ କୌଣସିପ୍ରକାର ବିତର୍କରେ ସାମିଲ ହୁଅନ୍ତି ନାହିଁ ବୋଲି ଶ୍ରୀ ଶାହା ଅଭିଯୋଗ କରିଛନ୍ତି । ଗଣତନ୍ତ୍ର ବଞ୍ଚାଅ - ଅରାଜକତା ଶେଷକର ଅଭିଯାନ ବିରୋଧୀଦଳଙ୍କୁ ଉପଯୁକ୍ତ ଜବାବ ଦେବାପାଇଁ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତିମନ୍ତ୍ରୀ ମନୋହରଲାଲ, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଓ ନେତା ଯୋଗ ଦେଇଥିଲେ ।

ଶୀର୍ଷା ଦିଲ୍ଲୀ ପଲୁସନ

ପଞ୍ଜାବରେ ଗତ ମଙ୍ଗଳବାର ଗୋଟିଏ ଦିନରେ ୫୮୦ରୁ ଅଧିକ ନଡ଼ା ପୋଡ଼ିବା ଘଟଣା ରେକର୍ଡ କରାଯାଇଛି । ନୂଆଦିଲ୍ଲୀର ଶାସ୍ତ୍ରୀ ପାର୍କଠାରେ

ସମନ୍ୱିତ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ଆଇସିସିସି ପରିଦର୍ଶନ ସମୟରେ ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂହ ଶୀର୍ଷା ଏହା କହିଛନ୍ତି । ସେ କହିଛନ୍ତି ଗତମାସ ୩୦ ତାରିଖରେ ଦିଲ୍ଲୀର AQI ଷାଠିଏ ଥିବାବେଳେ ୩୧ତାରିଖରେ ଏହା ବୃଦ୍ଧିପାଇ ୧୧୭ରେ ପହଞ୍ଚିଥିଲା । ଏଭଳି ହଠାତ୍ ପ୍ରଦୂଷଣ ବୃଦ୍ଧିପାଇବା ନେଇ ସେ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ସେ କହିଛନ୍ତି ଦିଲ୍ଲୀରେ ଇତିମଧ୍ୟରେ କୌଣସି ନୂତନ ନିର୍ମାଣ, ପ୍ରଦୂଷଣକାରୀ ଯାନବାହନ ଚଳାଚଳ କିମ୍ବା ଶିଳ୍ପ ପ୍ରତିଷ୍ଠା ହୋଇନାହିଁ । ଅନ୍ୟପକ୍ଷରେ ପଞ୍ଜାବ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଇତିମଧ୍ୟରେ ୭୦ ପ୍ରତିଶତ ଧାନ ଅମଳ ହୋଇସାରିଛି । ପଞ୍ଜାବର ପ୍ରଦୂଷଣ ତଥ୍ୟ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଶୀର୍ଷା କହିଛନ୍ତି ଭଟିଣ୍ଡାଠାରେ ପ୍ରଦୂଷଣ ସ୍ତର ୧୧ଶହରୁ ଅଧିକ ଏବଂ ତଲଓ୍ୱାଣ୍ଡି ସାବୋଠାରେ ଏହା ୧ହଜାରରୁ ଅଧିକ ରେକର୍ଡ କରାଯାଇଛି ।

ହକି

ଏସୀୟ ହକି ଚାମ୍ପିୟନ୍ସ ସିପ୍ ଟ୍ରଫି ଅନ୍ତର୍ଗତ ଆଜି ଭାରତ ଏବଂ ଜାପାନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ବଲ୍‌ବୀର ସିଂହ ସିନିୟର୍ ଇଣ୍ଟରନ୍ୟାସନାଲ୍ ହକି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ

ହେବ । ଗତକାଲି ସେମିଫାଇନାଲ୍‌ରେ ଭାରତ ୮-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ନିଶ୍ଚିତ କରିସାରିଛି ।